## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

ଅନୁଗୋଳ, ୬।୮ (ଅମିତ ସାମଲ)

ଅନୁଗୋଳ ଫାଷ୍ଟଟ୍ରାକ୍ କୋର୍ଟରେ ଶନିବାର ଏକ ନାବାଳିକା (୧୬ ବର୍ଷ) ଅପହରଣ ଓ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ ପ୍ରଫୁଲ୍ଲ ନାୟକ (୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁଶାନ୍ତ ମିଶ୍ର ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ଦେବଗଡ଼ ଜିଲାର ସମ୍ପୃକ୍ତା ନାବାଳିକା ପାଲଲହଡ଼ା ଅଞ୍ଚଳରେ ରହୁଥିବା ତାଙ୍କ ମାମୁଘରେ ରହି ଯୁକ୍ତ ୨ରେ ଅଧ୍ୟୟନ କରୁଥିଲେ। ୨୦୧୬ ଡିସେମ୍ବର ୧୫ ଅପରାହ୍ନରେ କଲେଜରୁ ମାମୁ ଘରକୁ ଯିବା ବେଳେ ତାଙ୍କୁ ଅପହରଣ କରାଯାଇଥିଲା। ଏ ନେଇ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ପରେ ଘଟଣା ପଦାକୁ ଆସିଥିଲା। ଏବଂ ଅଭିଯୁକ୍ତ ଗିରଫ ହୋଇଥିଲେ।

### ସ୍ତ୍ରୀ, ମା'ଙ୍କୁ ମାଡ଼ ଅଭିଯୋଗ

ଛେଣ୍ଡିପଦା, ୬।୮ (ଅଜିତ ଧଳ)

ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀ ଓ ମା'ଙ୍କୁ ମାଡ଼ ମରାଯାଇଥିବା ଜରପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ତୁବେ ଗ୍ରାମର ସୁନୀଲ ଦେହୁରୀଙ୍କ ସ୍ତ୍ରୀ ରଶ୍ମିତା ଏବଂ ମା' ଆବାସ ଘର ତିଆରି କରିବା ପାଇଁ ଟଙ୍କା ଯୋଗାଡ଼ କରିଥିଲେ। ହେଲେ ସେହି ଟଙ୍କାରେ ସୁନୀଲ ମଦ ପିଉଦେଉଥିଲେ। ରଶ୍ମିତା ବାରଣ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସୁନୀଲ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସୁନୀଲଙ୍କ ମା' ଏହାକୁ ବିରୋଧ କରିବାକୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ରଶ୍ମିତାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୪୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗାଡ଼ି ଧକ୍କାରେ ଯୁବତୀ ମୃତ

ବଅଁରପାଳ, ୬।୮ (ଉପେନ୍ଦ୍ର ରାଉତ)

ନାଲ୍କୋ ଥାନା କାଣ୍ଡସରସ୍ଥିତ ଏକ ମିଠା ଦୋକାନ ନିକଟରେ ରବିବାର ଗାଡ଼ି ଧକ୍କାରେ ନମିତା ନାୟକ(୩୫)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ନମିତା କାଣ୍ଡସର ଗ୍ରାମରୁ ନାଲ୍କୋ କଲୋନୀ ଅଭିମୁଖେ ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ନାଲ୍କୋ ଥାନାରେ କେସ୍ ନଂ. ୧୩୯/୨୩ରେ ମାମଲା ରୁଜୁ ହୋଇଛି।

### ହଜିଥିବା ଫୋନ୍‌ର ଅପବ୍ୟବହାର, ଥାନାରେ ଅଭିଯୋଗ

ଅନୁଗୋଳ, ୬।୮ (ଅମିତ ସାମଲ)

ଦୁଇବର୍ଷ ତଳେ ହଜିଯାଇଥିବା ଏକ ମୋବାଇଲ ଫୋନର ଅପବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ମୋବାଇଲ ମାଲିକ ଅନୁଗୋଳ ସାଇବର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଅନୁଗୋଳ ସହରରେ ରହି କାର୍ଯ୍ୟ କରୁଛନ୍ତି। ୨୦୨୧ ଜୁନ୍‌ରେ ତାଙ୍କ ମୋବାଇଲ୍ ଫୋନ୍ ସ୍ଥାନୀୟ ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରୁ ଚୋରି ହୋଇଯାଇଥିଲା। ଏ ନେଇ ଅନୁଗୋଳ ଥାନାରେ ସେତେବେଳେ ସେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଫୋନ୍ ଟ୍ରାକିଂ କରିଥିଲା। ହେଲେ ମୋବାଇଲ ଫୋନ୍‌ର କୌଣସି ସନ୍ଧାନ ମିଳି ନ ଥିଲା। ଏବେ ଉକ୍ତ ମୋବାଇଲ୍ ପଶ୍ଚିମ ଓଡ଼ିଶାରେ ଆକ୍ଟିଭ୍ ଅଛି। କେହି ଜଣେ ଏହାକୁ ବ୍ୟବହାର କରୁଛନ୍ତି। ଏପରି କି, ଫୋନ୍‌ରେ ଥିବା ମୋବାଇଲ ଫୋନ୍ ମାଲିକଙ୍କ ଝିଅଙ୍କ ନାମରେ ଥିବା ଫେସବୁକ୍ ଆକାଉଣ୍ଟକୁ ବ୍ୟବହାର କରୁଛନ୍ତି। ଅଭିଯୁକ୍ତ ଜଣକ ନିୟମିତ ଝିଅଙ୍କ ଫଟୋ ଅପ୍‌ଲୋଡ ମଧ୍ୟ କରୁଛନ୍ତି। ଏହା ଜଣାପଡ଼ିବା ପରେ ସମ୍ପୃକ୍ତ ବ୍ୟକ୍ତି ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ତରଣ୍ଡା ଜଙ୍ଗଲ ଶ୍ରୀହୀନ

■ଅବାଧ ଚାଲିଛି କାଠ ଚାଲାଣ
■ଜିଲାପାଳଙ୍କଠାରେ ଅଭିଯୋଗ
■ବନ ବିଭାଗ ଶୋଇଛି

ବଇଣ୍ଡା, ୬।୮ (ପରିକ୍ଷିତ ସାହୁ)



ଶ୍ରୀହୀନ ହେବାରେ ଲାଗିଛି ଅନୁଗୋଳ ଜିଲା ଧଣ୍ଡାତୋପା ରେଞ୍ଜ ଅଧୀନ ତରଣ୍ଡା ଜଙ୍ଗଲ। ଜଙ୍ଗଲରେ ଚୋରା କାଠ ମାଫିଆ ମାତିଛନ୍ତି। ଅବାଧ ଭାବେ ଗଛ କଟାଯାଉଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନିଆ ନ ଗଲେ ଜଙ୍ଗଲ ପଦା ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଏ ସଂକ୍ରାନ୍ତରେ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥିରେ ଅତିଷ୍ଠ ହୋଇ ଅଞ୍ଚଳବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଆଠମଲ୍ଲିକ ବନଖଣ୍ଡର ଧଣ୍ଡାତୋପା ଜଙ୍ଗଲ ଜୈବ ବିବିଧତାରେ ପରିପୂର୍ଣ୍ଣ। ହେଲେ ଆବଶ୍ୟକ ସୁରକ୍ଷା କରାଯାଉ ନ ଥିବାରୁ ଏହା ଅସୁରକ୍ଷିତ ହୋଇପଡ଼ିଛି। ଜଙ୍ଗଲରେ କାଠ ଚୋର ମାତିଛନ୍ତି। କଟର ସହାୟତାରେ ରାତିଅଧିଆ ମୂଲ୍ୟବାନ ଗଛ କାଟୁଛନ୍ତି। ସେସବୁକୁ ଗୁପ୍ତସ୍ଥାନରେ ମହଜୁଦ୍ କରି ରଖୁଛନ୍ତି। ସେଠାରେ ସାଇଜ୍ କାଠ କାଟିବା ପରେ ସୁବିଧା ଦେଖି ବାହାରକୁ ଚାଲାଣ କରୁଛନ୍ତି। ଫଳରେ ଜଙ୍ଗଲରେ ଥିବା ମୂଲ୍ୟବାନ ଶାଗୁଆନ, ଶାଳ, ପିଆଶାଳ ଗଛ ଶେଷ ହେବାକୁ ବସିଲାଣି। ଏଭଳି ବେଆଇନ କାର୍ଯ୍ୟରେ ବନ ବିଭାଗର କେତେଜଣ ଅଧିକାରୀଙ୍କ ହାତ ରହିଥିବା ଅଞ୍ଚଳବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏହି ଜଙ୍ଗଲର କିଛି ଅଂଶ ଅନ୍ୟ ଏକ ରେଞ୍ଜ ଅଧୀନରେ ଥିବା ଯୋଗୁ ବନ ବିଭାଗ ରାତ୍ରି ପାଟ୍ରୋଲିଂ କରୁନାହିଁ। ତେଣୁ ଏହା କାଠ ମାଫିଆଙ୍କ ଲାଗି ସୁଯୋଗ ସୃଷ୍ଟି କରୁଛି। ପୂର୍ବରୁ ଗ୍ରାମବାସୀ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସରକାରଙ୍କ ପକ୍ଷରୁ ୧୯୮୫ରେ ଏହି ଜଙ୍ଗଲରେ ୯୮୬୫ଟି ଶାଳ, ଶାଗୁଆନ, ଶିଶୁ, ପଟାସ ଭଳି ଅନେକ ଗଛ ଲଗାଯାଇଥିଲା। ସେହି ଗଛଗୁଡ଼ିକ ବଡ଼ ବଡ଼ ଦ୍ରୁମରେ ପରିଣତ ହୋଇଛି। ଫଳରେ ମୂଲ୍ୟବାନ ଗଛ ଉପରେ କାଠ ଚୋରଙ୍କ ନଜର ପଡ଼ିଛି। ତୁରନ୍ତ ବନ ବିଭାଗର ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏ ନେଇ ଫରେଷ୍ଟର ଅର୍ଜୁନ ବେହେରା କହିଛନ୍ତି, ଜଙ୍ଗଲକୁ ସୁରକ୍ଷା ଦିଆଯାଉଛି। ଅଧିକ ସୁରକ୍ଷା ଯୋଗାଇ ଦିଆଯିବ।



ବୈଠକରେ ଉପସ୍ଥିତ ବିଭିନ୍ନ କ୍ଲବର କର୍ମକର୍ତ୍ତାମାନେ।

# ୧୦ ମଣ୍ଡପରେ ପୂଜା ପାଇବେ ଧନଦାତ୍ରୀ

ବଅଁରପାଳ, ୬।୮ (ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଚଳିତବର୍ଷ ୧୦ ମଣ୍ଡପରେ ଧୁମ୍‌ଧାମରେ ମା' ଲକ୍ଷ୍ମୀଙ୍କ ପୂଜା ପାଳିତ ହେବ। ଏହି ଉପଲକ୍ଷେ ରବିବାର କୁଲାଡ଼ ସରପଞ୍ଚ ଉଷାରାଣୀ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୮ଦିନ ଧରି ପୂଜା ଅନୁଷ୍ଠିତ ହେବ। ସରକାରୀ ନିୟମ ଅନୁସାରେ ଭସାଣି କରାଯିବ ବୋଲି ଆଲୋଚନା ହୋଇଥିଲା। ଆକର୍ଷଣୀୟ ସାଜସଜ୍ଜା, ଉଜ୍ଜଳ ଆଲୋକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତବର୍ଷ କୁଲାଡ଼ ଛକ, ବିଗ୍ ପଣ୍ଡ, ବ୍ରାହ୍ମଣୀ ଦେବୀ ସାହି, ଫ୍ରେଣ୍ଡ୍‌ସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ଆଲୁମିନିୟମ ହାଇସ୍କୁଲ, ବଣିକ ସଂଘ, ବାବାସ କ୍ଲବ ଏବଂ ରୟାଲ କ୍ଲବରେ ଧନଦାତ୍ରୀ ପୂଜା ପାଇବେ। ଜିତେନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଅଶୋକ ଜେନା, ଗ୍ରାମ ସଭାପତି ଅଶୋକ ବିଶୋଇ, ମିଲନ ସ୍ୱାଇଁ, ମୁକେଶ ଜେନା, ଅଭିଷେକ ଦେଓ, ମାନସ ଜେନାଙ୍କ ସମେତ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମେଡିସିନ ଦୋକାନ ସମ୍ମୁଖରେ ଧାରଣା

**କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ଯୁବକଙ୍କ ଜୀବନ ଗଲା**

ଅନୁଗୋଳ, ୬।୮ (ଅମିତ ସାମଲ)



କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଅନୁଗୋଳ ଜିଲା ଠାକୁରଗଡ଼ ଥାନା ବନ୍ଧୁଲ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବସନ୍ତ ସାହୁଙ୍କ ପୁଅ ସୁଶାନ୍ତ (୩୫)। ଏହି ଘଟଣା ପରେ ମୃତ ଯୁବକଙ୍କ ସମ୍ପର୍କୀୟ ମେଡିସିନ ଦୋକାନ ବନ୍ଦ କରିବା ସହ ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ସୁଶାନ୍ତ ଭୁବନେଶ୍ୱରରେ ରହୁଥିଲେ। କିଛିଦିନ ହେଲା ତାଙ୍କୁ ଜ୍ୱର ହେଉଥିବାରୁ ସେ ଗାଁକୁ ପଳାଇ ଆସିଥିଲେ। ଘରେ ପହଞ୍ଚିବା ପରେ ଶନିବାର ତାଳ ପିଠା ଖାଇଥିଲେ। ରବିବାର ସକାଳେ ସ୍ୱାସ୍ଥ୍ୟବସ୍ଥା ଠିକ୍ ଲାଗୁ ନ ଥିବା କହିଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ଆଣିବାକୁ କହିବାରୁ ଗ୍ୟାସ୍ କାରଣରୁ ଏଭଳି ହେଉଥିବା କହିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଘର ନିକଟରେ ଥିବା ମେଡିସିନ ଦୋକାନୀଙ୍କୁ ଫୋନ୍ କରିଥିଲେ। ସୁଶାନ୍ତଙ୍କ ଲକ୍ଷଣ ଦେଖି କ୍ଲିନିକ୍ କର୍ମଚାରୀ ତାଙ୍କ ଶିରାରେ ୨ଟି ଇଞ୍ଜେକ୍ସନ ଦେଇଥିଲେ। ହେଲେ ଏହା ପରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ସକାଳୁ ସୁଶାନ୍ତଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅପରାହ୍ନ ଯାଏ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସମ୍ପର୍କୀୟ ହୋହଲ୍ଲା କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏହାପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଦିଆଯିବା କାରଣରୁ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତାଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ଉକ୍ତ କ୍ଲିନିକ୍‌କୁ ବନ୍ଦ କରିଦେବା ସହ ଧାରଣା ଦେଇଥିଲେ। ଏ ନେଇ ଥାନାଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ଅଦ୍ୟାବଧି ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଘଟଣାର ଅନୁଧ୍ୟାନ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

### ଗଛ କଟାକୁ ନେଇ ୨ ପରିବାର ମଧ୍ୟରେ ମାରପିଟ୍

ଛେଣ୍ଡିପଦା, ୬।୮ (ଅଜିତ ଧଳ)

ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ଗ୍ରାମରେ ଗଛକଟାକୁ ନେଇ ରବିବାର ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ପୋଲିସ କହିଛି, ପରଙ୍ଗ ଗ୍ରାମର ଉର୍ମିଳା ବେହେରା (୬୬)ଙ୍କୁ ଉକ୍ତ ଗ୍ରାମର ଗୋବର୍ଦ୍ଧନ ମହାଖୁଡ ଗଛକଟାକୁ କେନ୍ଦ୍ର କରି ଆକ୍ରମଣ କରିଥିଲେ। ଉର୍ମିଳାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୩୭/୨୩ରେ ମାମଲା ରୁଜୁ କରିଛି। ଅନ୍ୟପଟେ ଗୋବର୍ଦ୍ଧନ ପାଲଟା ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି, ମାହେଶ୍ୱରୀ ମନ୍ଦିର ଜମି ଉପରେ ଥିବା ତାଙ୍କ ଶାଗୁଆନ ଗଛ ଉପୁଡ଼ି ପଡିଥିଲା। ଏହି ଗଛକୁ ଉକ୍ତ ଗ୍ରାମର ଉର୍ମିଳାଙ୍କ ସମ୍ପର୍କୀୟ ରମାକାନ୍ତ ବେହେରା ଜୋରଜବରଦସ୍ତ ନେଇଯାଉଥିବାବେଳେ ଗୋବର୍ଦ୍ଧନ ବାରଣ କରିଥିଲେ। ରମାକାନ୍ତ ଉତ୍କ୍ଷିପ୍ତ ହୋଇ ଗୋବର୍ଦ୍ଧନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୋବର୍ଦ୍ଧନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୩୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ୧୦୦ ବର୍ଷରେ ସୁସ୍ଥ



ଅନୁଗୋଳ, ୬।୮ (ଅମିତ ସାମଲ)

ଅନୁଗୋଳ ବ୍ଲକ୍ ବାଲୁଅକଟା ଗ୍ରାମର ପଦ୍ମାବତୀ ପ୍ରଧାନଙ୍କ ୧୦୦ତମ ଜନ୍ମଦିନ ରବିବାର ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ନଗରପାଳ ଶକ୍ତିପ୍ରସାଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଆଇନଜୀବୀ ପ୍ରଦୀପ ଦେବତା, ଆଶ୍ରମର ମୁଖ୍ୟ ବି.କେ. ମିନତି ଯୋଗ ଦେଇଥିଲେ। ଏହି ଅବସରରେ କେକ୍ କଟାଯିବା ସହ ତାଙ୍କ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପଦ୍ମାବତୀ ସୁସ୍ଥ ଜୀବନର ରହସ୍ୟ ବଖାଣିଥିଲେ। କାର୍ଯ୍ୟକ୍ରମରେ ତାଙ୍କର ୬ପୁଅ, ଗୋଟିଏ ଝିଅ, ୨ ପୁତୁରା, ନାତୁଣୀନାତିଙ୍କ ସମେତ ପରିବାରର ୪୭ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀନିବାସ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ସୁଲୋଚନା ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ତପନ ପ୍ରଧାନ, ମାନସ ଦେହୁରୀ, ପ୍ରଦୀପ୍ତ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଜ୍ୟୋତିର୍ମୟୀ ସରପଞ୍ଚ ସଂଘ ସଭାନେତ୍ରୀ

ଅନୁଗୋଳ, ୬।୮ (ଅମିତ ସାମଲ)

ଅନୁଗୋଳ ଜିଲା ସରପଞ୍ଚ ସଂଘର ସଭାନେତ୍ରୀ ଭାବେ ଶଙ୍ଖପୁର ପଞ୍ଚାୟତ ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀଙ୍କୁ ଚୟନ କରାଯାଇଛି। ସେହିଭଳି ସାଧାରଣ ସମ୍ପାଦକ ଭାବେ କିଶୋରନଗର ବ୍ଲକ ନାକଚି ପଞ୍ଚାୟତର ସରପଞ୍ଚ ମନୋଜ କୁମାର ବାଘ, କୋଷାଧ୍ୟକ୍ଷ ଅନିଲ ପ୍ରଧାନ, ଉପସଭାପତି ଭାବେ ଦୁଃଖବନ୍ଧୁ ବେହେରା, ଅମରେଶ ନାଥ, ଯଶବନ୍ତୀ ବେହେରା, ସହ ସମ୍ପାଦିକା ସସ୍ମିତା ବେହେରା, ଚନ୍ଦନ ସାହୁ, ହୃଷୀକେଶ ପ୍ରଧାନ, ବବିତା ପ୍ରଧାନ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଦୁର୍ଯ୍ୟୋଧନ ସାହୁ, ସୁଦୀପ୍ତ ପ୍ରଧାନ, ରତ୍ନାକର ଦାସ, କୁମର ମୁଦୁଲିଙ୍କୁ ଚୟନ କରାଯାଇଛି। ସ୍ଥାନୀୟ ଇକୋ ପାର୍କ ନିକଟ କଲ୍ୟାଣମଣ୍ଡପରେ ଜିଲାର ୮ ବ୍ଲକ ଅଧୀନ ୨୨୫ ପଞ୍ଚାୟତ ମଧ୍ୟରୁ ୧୭୦ଜଣ ସରପଞ୍ଚ ଉପସ୍ଥିତ ଥିଲେ।



ବିଭିନ୍ନ ପଞ୍ଚାୟତର ଉପସ୍ଥିତ ସରପଞ୍ଚମାନେ।



ଅନୁଗୋଳ ସହର ୬ନଂ. ୱାର୍ଡ ଦେଇ ପ୍ରବାହିତ ଲିଙ୍ଗରା ନାଳରୁ ରବିବାର ପିଲାମାନେ ମାଛ ଧରୁଛନ୍ତି। **(ଫଟୋ-ବୁଲୁ)**

# ଅସହାୟ ବୃଦ୍ଧଙ୍କୁ ମିଳିଲାନି କାନ୍ଧ

**ଶେଷକୃତ୍ୟ କଲେ ସରପଞ୍ଚ**



ପାଲଲହଡ଼ା, ୬।୮ (ଦିବ୍ୟଜ୍ୟୋତି ଦାଶ)

ଶଯ୍ୟାଶାୟୀ ହୋଇ ଘରେ ପଡ଼ିଥିବା ଜଣେ ୭୦ ବର୍ଷୀୟ ରୋଗଗ୍ରସ୍ତ ବୃଦ୍ଧଙ୍କ ଚାଲିଗଲା ଜୀବନ। ଦୃଷ୍ଟିବାଧିତ ଭାଉଜ ଗ୍ରାମବାସୀଙ୍କୁ ନେହୁରା ହେଲେ ଦିଅରଙ୍କ ମୃତଦେହ ସତ୍କାର କରିଦେବାକୁ। ହେଲେ ଆଶ୍ୱାସନା ଦେବା ତ ଦୂରର କଥା କେହି ପାଖ ମାଡ଼ିଲେନି। ମୃତଦେହ ଘରେ ପଡ଼ିଥିବା ସୂଚନା ପାଇ ସରପଞ୍ଚ ଏବଂ କେତେଜଣ ସାମାଜିକ କର୍ମୀ ଦେଖାଇଲେ ମାନବିକତା। ଏହାପରେ ମୃତଦେହର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ମୁଣ୍ଡରୀବେଡ଼ା ପଞ୍ଚାୟତ ଜାମୁନାଳି ସାହିରେ ରବିବାର ଘଟିଥିବା ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ଜଣାପଡ଼ିଛି, ଜାମୁନାଳି ସାହିର ବୃଦ୍ଧ ଶର୍ମା ମହାକୁଳଙ୍କ ଦୃଷ୍ଟିବାଧିତ ଭାଉଜଙ୍କ ଛଡ଼ା ଅନ୍ୟ କେହି ସମ୍ପର୍କୀୟ ନାହାନ୍ତି। ବାର୍ଦ୍ଧକ୍ୟଜନିତ ରୋଗରେ ପଡ଼ିଥିବା ଶର୍ମାଙ୍କ ଗତ ଶନିବାର ରାତିରେ ମୃତ୍ୟୁ ହୋଇଯାଇଥିଲା। ହେଲେ ଭାଉଜଙ୍କ ନେହୁରା ହେବା ସତ୍ତ୍ୱେ ତାଙ୍କ ମୃତଦେହ ସତ୍କାର କରିବାକୁ କେହି ଆସି ନ ଥିଲେ। ଦୀର୍ଘ ସମୟ ଧରି ମୃତଦେହ ଘରେ ପଡ଼ି ରହିଥିବା ଜାଣିବା ପରେ ସରପଞ୍ଚ ସଞ୍ଜୟ କୁମାର ବେହେରା, ଖମାରସାହି ଅଞ୍ଚଳର କେତେଜଣ ସାମାଜିକ କର୍ମୀ ପହଞ୍ଚିଥିଲେ। ଗାଁମୁଣ୍ଡରେ ଜେସିବି ସହାୟତାରେ ଗାତଖୋଳି ମୃତଦେହ ପୋତି ଦିଆଯାଇଥିଲା। ଏଭଳି ମାନବିକତା ପ୍ରଦର୍ଶନ କରିଥିବା ସରପଞ୍ଚଙ୍କୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

ଏ ସମ୍ପର୍କରେ ପାଲଲହଡ଼ା ବିଡିଓ ଦିଲୀପ କୁମାର ବାରା କୁହନ୍ତି, ଘଟଣା ସମ୍ପର୍କରେ ସୂଚନା ମିଳିଛି। ସୋମବାର ପିଇଓଙ୍କ ଦ୍ୱାରା ଏହାର ତଦନ୍ତ କରାଯିବ। ମୃତ ବ୍ୟକ୍ତିଙ୍କ ଭାଉଜଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

# ପ୍ରଶାସନ ଦୃଷ୍ଟି ଆଢୁଆଳରେ ଗୀତାଗ୍ରାମ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗୀତାଗ୍ରାମ ଉନ୍ନୟନ ସମିତିର କର୍ମକର୍ତ୍ତାମାନେ।

**ଉଦ୍‌ବେଗ ବ୍ୟକ୍ତ କଲେ ଅଞ୍ଚଳବାସୀ**

ଅନୁଗୋଳ, ୬।୮ (ଅମିତ ସାମଲ)

ଅନୁଗୋଳ ସହର ଉପକଣ୍ଠ ଗୀତାଗ୍ରାମରେ ଲାଗି ରହିଥିବା ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହାକୁ ନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବେଗ ବ୍ୟକ୍ତ କରିଛି ଗୀତାଗ୍ରାମ ଉନ୍ନୟନ ସମିତି।

ସମିତିର ସଭାପତି ବାସୁଦେବ ହୋତା କହିଛନ୍ତି, ୨୦୦୮-୧୦ ବର୍ଷରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗୀତାଗ୍ରାମ ଦେଇ ଅନୁଗୋଳ ରେଳଷ୍ଟେଶନକୁ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘବର୍ଷ ଧରି ମରାମତି ହେଉ ନ ଥିବାରୁ ଏହା ଶୋଚନୀୟ ହୋଇପଡ଼ିଛି। ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବାରୁ ବର୍ଷା ପାଣି, ଘରୁ ବାହାରୁଥିବା ବର୍ଜ୍ୟଜଳ ଗୀତାଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟ ଏବଂ ମୁଖ୍ୟ ରାସ୍ତା କଡ଼ରେ ଜମି ରହୁଛି। ଉକ୍ତ ରାସ୍ତା ଉପରେ ତୁରଙ୍ଗ, କାଣ୍ଡସର, କୁରୁଡୋଲ, ତାଳଚେରବାସୀ ନିର୍ଭର କରୁଥିବାବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ ଜାମ୍ ହେବା ସମୟରେ ଗୀତାଗ୍ରାମ ଦେଇ ଭାରିଯାନ ଚଳାଚଳ କରୁଛି। ଫଳରେ ଖୁବ୍ କମ୍ ଦିନରେ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଉଛି। ଦୁର୍ବଳ କଲଭର୍ଟ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହା କୌଣସି ସମୟରେ ଭୁଶୁଡ଼ି ପଡ଼ିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏ ନେଇ ଛେଣ୍ଡିପଦା ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅବଗତ କରାଇଛି। କୌଣସି ସୁଫଳ ମିଳୁନାହିଁ। ଏହାର ତୁରନ୍ତ ସମସ୍ୟା ସମାଧାନ କରିବାକୁ ଗୀତାଗ୍ରାମ ଉନ୍ନୟନ ସମିତି ଦାବି କରିଛି। ଆବଶ୍ୟକ ସ୍ଥଳେ ଜବରଦଖଲରେ ଥିବା ଗୃହକୁ ଉଚ୍ଛେଦ କରିବାରେ ସହାୟତା କରାଯିବ ବୋଲି ସମିତି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସମ୍ପାଦକ ବିଜୟ କୁମାର ପ୍ରଧାନ, ଉପସଭାପତି ପ୍ରସନ୍ନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ପବିତ୍ର କୁମାର ପ୍ରଧାନ, ସଂଯୋଜକ ବଳରାମ ଦାସ, ଉପଦେଷ୍ଟା ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗୀତାଗ୍ରାମ (ତୁରଙ୍ଗ ଜଙ୍ଗଲ ମୌଜା) ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି। ତେବେ ୧୯୯୩ରେ ଅଞ୍ଚଳବାସୀ ଅନୁଗୋଳ ଏନ୍‌ଏସି ନିର୍ବାଚନ ବେଳେ ମତଦାନ ସାବ୍ୟସ୍ତ କରିଥିଲେ। ଏହାପରେ ପୌରାଞ୍ଚଳ ନିର୍ବାଚନରେ ସେମାନେ ଭୋଟ ଦେଇ ନ ଥିଲେ। ଗତ ଅନୁଗୋଳ ପୌରପାଳିକା ନିର୍ବାଚନରେ ସେମାନେ ପୁନର୍ବାର ଭୋଟ ଦେଇଥିଲେ। ଏହାପରଠାରୁ ଗୀତାଗ୍ରାମବାସୀ ଦ୍ୱନ୍ଦ୍ୱରେ ଅଛନ୍ତି। ସେମାନେ ସହରାଞ୍ଚଳରବାସୀ ନା ଗ୍ରାମାଞ୍ଚଳର ବାସିନ୍ଦା, ତାହା ପ୍ରଶାସନ ସ୍ପଷ୍ଟ କରୁ ବୋଲି ଦାବି କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲା ଏବେ ବିଚାରାଧୀନ ରହିଛି।

